# NATIONAL NEWS BULLETIN (ODIA)

**31 July - 2024**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଧ୍ୟକ୍ଷତାରେ ଆସନ୍ତା ଶୁକ୍ରବାର ଆରମ୍ଭ ହେବ ଦୁଇଦିନିଆ ରାଜ୍ୟପାଳ ସମ୍ମିଳନୀ ।

- ବିଶ୍ୱ ଐତିହ୍ୟସ୍ଥଳୀ ତାଲିକାରେ ଭାରତର ଅଧିକ ସ୍ଥାନକୁ ସାମିଲ କରିବା ପାଇଁ କେନ୍ଦ୍ର ସରକାର ଉଦ୍ୟମ ଜାରି, କହିଲେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ।

- କେରଳ ଭୂ-ସ୍ଖଳନ ଘଟଣାରେ ମୃତ୍ୟୁସଂଖ୍ୟା ୧୫୭କୁ ବୃଦ୍ଧି

- ଆଜିଠାରୁ ଆରମ୍ଭ ହେଲା ମଣିପୁର ବିଧାନସଭା ବଜେଟ୍ ଅଧିବେଶନ ।

ଏବଂ

- ପ୍ୟାରିସ୍ ଅଲମ୍ପିକ୍ସର ପଞ୍ଚମ ଦିନରେ ଆଜି ବନ୍ଧୁକ ଚାଳନା, ବ୍ୟାଡମିଣ୍ଟନ, ଟେବୁଲ୍ ଟେନିସ୍, ବକ୍ସିଂ ଓ ତୀରଚାଳନାରେ ଭାରତୀୟ ଖେଳାଳିମାନେ ଭାଗ ନେଉଛନ୍ତି ।

# ପ୍ରେଜ୍‌-ଗଭର୍ଣ୍ଣାନ୍ସ କନ୍‌ଫରେନ୍ସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନରେ ଆସନ୍ତା ଶୁକ୍ରବାର ଆରମ୍ଭ ହେବାକୁ ଥିବା ଦୁଇଦିନିଆ ରାଜ୍ୟପାଳ ସମ୍ମିଳନୀରେ ଅଧ୍ୟକ୍ଷତା କରିବେ । ରାଷ୍ଟ୍ରପତିଙ୍କ ଅଧ୍ୟକ୍ଷତାରେ ପ୍ରଥମଥର ପାଇଁ ଏହି ସମ୍ମିଳନୀ ଆୟୋଜିତ ହେବ । ସମସ୍ତ ରାଜ୍ୟର ରାଜ୍ୟପାଳ ଏଥିରେ ଯୋଗଦେବେ ବୋଲି ରାଷ୍ଟ୍ରପତିଙ୍କ ସଚିବାଳୟ ପକ୍ଷରୁ ସୂଚନା ମିଳିଛି । ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ମନ୍ତ୍ରିମଣ୍ଡଳର କେତେକ ବରିଷ୍ଠ ସଦସ୍ୟ, ନୀତି ଆୟୋଗର ଉପାଧ୍ୟକ୍ଷ ଏବଂ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ୟାବିନେଟ୍‌ ସଚିବାଳୟ ଆଦିର ବରିଷ୍ଠ ପଦାଧିକାରୀ ଯୋଗଦେବେ । ୩ଟିଯାକ ନୂତନ ଅପରାଧିକ ଆଇନ୍‌, ଉଚ୍ଚଶିକ୍ଷା କ୍ଷେତ୍ରକୁ ଅଧିକ ଉନ୍ନତ କରିବା ଏବଂ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ଉପରେ ଏହି ବୈଠକରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି ।

---

# ଐତିହ୍ୟସ୍ଥଳୀ

ପର୍ଯ୍ୟଟନ ଓ ସଂସ୍କୃତିମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଦେଶର ସଂସ୍କୃତି ଓ ଐତିହ୍ୟକୁ ସଂରକ୍ଷଣ କରିବା  ଦିଗରେ ଦେଶରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରଶଂସା କରିଛନ୍ତି । ଭାରତର ଅଧ୍ୟକ୍ଷତାରେ ଜି-୨୦ ବୈଠକ ପରେ ଦେଶର ଗୁରୁତ୍ୱ ବୃଦ୍ଧି ପାଉଥିବା ସେ କହିଛନ୍ତି । ନୂଆଦିଲ୍ଲୀରେ ଆଜି ଉଦ୍‌ଯାପିତ ହେବାକୁ ଥିବା ବିଶ୍ୱ ଐତିହ୍ୟ କମିଟି ବୈଠକ ଏହାର ଉଦାହରଣ ବୋଲି ସେ ସାମ୍ବାଦିକମାନଙ୍କୁ କହିଛନ୍ତି ।  ବିଶ୍ୱ ଐତିହ୍ୟ ସ୍ଥଳୀ ତାଲିକାରେ ଭାରତର ଆହୁରି ଅଧିକ ସ୍ଥାନ

ସାମିଲ ହେଉ, ସେଥିପାଇଁ କେନ୍ଦ୍ର ସରକାର ଉଦ୍ୟମ କରୁଛନ୍ତି । ଗତ ୧୦ବର୍ଷ ମଧ୍ୟରେ ବିଶ୍ୱ ଐତିହ୍ୟ ସ୍ଥଳୀ ତାଲିକାରେ ଦେଶର ୧୩ଟି ସ୍ଥାନ ସ୍ଥାନିତ ହୋଇଥିବା ସେ କହିଛନ୍ତି । ଭାରତରେ ପ୍ରଥମଥର ପାଇଁ ବିଶ୍ୱ ଐତିହ୍ୟ କମିଟି ବୈଠକ ଅନୁଷ୍ଠିତ ହେଉଥିବା ସେ କହିଛନ୍ତି । ବିଶ୍ୱ ଐତିହ୍ୟସ୍ଥଳୀ ତାଲିକାରେ ସାମିଲ କରାଯିବାକୁ ଭାରତ ପକ୍ଷରୁ ଆହୁରି ୫୩ଟି ସ୍ଥାନର ତାଲିକା ଦିଆଯାଇଥିବା ସେ ସୂଚନା ଦେଇଛନ୍ତି ।

## ପଞ୍ଜାବ ରାଜ୍ୟପାଳ

ଗୁଲାବଚାନ୍ଦ କଟାରିଆ ଆଜି ପଞ୍ଜାବର ରାଜ୍ୟପାଳ ଓ ଚଣ୍ଡୀଗଡ଼ର ପ୍ରଶାସକ ଭାବେ ପଞ୍ଜାବ ରାଜଭବନରେ ଶପଥ ଗ୍ରହଣ କରିଛନ୍ତି । ହରିଆଣା ଉଚ୍ଚନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ୍ ସିଲ୍ ନାଗୁ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ଜଷ୍ଟିସ୍ କଟାରିଆ ପଞ୍ଜାବର ୩୦ତମ ରାଜ୍ୟପାଳ ଭାବେ ଶପଥ ନେଇଛନ୍ତି । ଏହି ଶପଥଗ୍ରହଣ ସମାରୋହରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍, ବିଧାୟକ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଏଲ୍‌ଏସ୍-ବୈଷ୍ଣବ ବୁଲେଟ ଟ୍ରେନ୍

ଦେଶରେ ବୁଲେଟ୍ ଟ୍ରେନ୍ ପ୍ରକଳ୍ପ କାର୍ଯ୍ୟ ଦ୍ରୁତଗତିରେ ଚାଲିଥିବା କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି । ଆଜି ଲୋକସଭାରେ ପ୍ରଶ୍ନୋତ୍ତର କାଳରେ ଏ ପ୍ରସଙ୍ଗରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ବୁଲେଟ୍ ଟ୍ରେନ୍ ପ୍ରକଳ୍ପ ଅଧୀନରେ ସମୁଦ୍ରର ୩୦ ମିଟର ତଳେ ପ୍ରଥମଥର ପାଇଁ ୨୧ କିଲୋମିଟର ଦୈର୍ଘ୍ୟର ଏକ ଦୀର୍ଘ ଟନେଲ୍ ନିର୍ମାଣ କରାଯାଉଛି । ସେ କହିଛନ୍ତି ଏହି ପ୍ରକଳ୍ପର ପ୍ରାୟ ୩୨୦ କିଲୋମିଟର ରେଳପଥ ନିର୍ମାଣର

ପ୍ରାରମ୍ଭିକ କାର୍ଯ୍ୟ ଶେଷ ହେବା ସହ ଆତ୍ମନିର୍ଭର ଭାରତ ଅଭିଯାନରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି । ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି ଦେଶରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଗୁଡ଼ିକ ମଧ୍ୟରୁ ଏହା ଏକ ଅତ୍ୟାଧୁନିକ ଜ୍ଞାନକୌଶଳ ଭିତ୍ତିକ ପ୍ରକଳ୍ପ ।

## ସୁରେଶ ଶର୍ମା ଡେଥ୍

ପୂର୍ବତନ ଭାରତୀୟ ସୂଚନା ସେବା ଅଧିକାରୀ ସୁରେଶ ଚନ୍ଦ୍ର ଶର୍ମାଙ୍କର ଆଜି ନୂଆଦିଲ୍ଲୀଠାରେ ପରଲୋକ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା। ସେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ବିଭିନ୍ନ ବିଭାଗରେ କାର୍ଯ୍ୟ କରିଥିଲେ । ସେ ଆକାଶବାଣୀର ସମ୍ବାଦସେବା ବିଭାଗର ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରି ୨୦୦୦ ମସିହାରେ ଅବସର ଗ୍ରହଣ କରିଥିଲେ ।

## କେରଳ ଭୂସ୍ଖଳନ

କେରଳ ୱାଇନାଡ଼ ଜିଲ୍ଲା ଭୂ-ସ୍ଖଳନ ମୃତ୍ୟୁ ସଂଖ୍ୟା ୧୫୭ରେ ପହଞ୍ଚିଥିବା ବେଳେ ମୃତ୍ୟୁ ସଂଖ୍ୟା ଆହୁରି ଅଧିକ ହୋଇପାରେ ବୋଲି ଆଶଙ୍କା କରାଯାଉଛି । ଏହି ଘଟଣାରେ ଆହତ ୧୮୬ ଜଣଙ୍କୁ ଚିକିତ୍ସା ପାଇଁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ପ୍ରଭାବିତ ଅଞ୍ଚଳରେ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟରେ ସେନାବାହିନୀକୁ ସାମିଲ କରାଯାଇଛି । ଭୂ-ସ୍ଖଳନ ପ୍ରଭାବିତ ଅଞ୍ଚଳରୁ ୧୦୦୦ରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଛି । ଲୋକଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରିବା ପାଇଁ ଅସ୍ଥାୟୀ ପୋଲ ନିର୍ମାଣ କରାଯାଇଛି । ରାଜ୍ୟପାଳ ଆରିଫ ମହମ୍ମଦ ଖାଁ ଏବଂ ଗୋଆର

ରାଜ୍ୟପାଳ ପି.ଏସ୍. ଶ୍ରୀଧରନ୍ ପିଲାଇ ଆଜି ୱାଇନାଡ ଗସ୍ତ କରିଛନ୍ତି ।

ରାଜ୍ୟରେ ଗତକାଲି ଠାରୁ ଦୁଇଦିନିଆ ଶୋକ ପାଳନ କରାଯାଉଛି । ଅନ୍ୟ ପକ୍ଷରେ ଭାରତୀୟ ପାଣିପାଗ ବିଭାଗ କହିଛି, କେରଳରେ ଆହୁରି ବର୍ଷା ହୋଇପାରେ । ବର୍ଷାକୁ ଦୃଷ୍ଟିରେ ରଖି ଆଜି ପାଇଁ ୮ଟି ଜିଲ୍ଲାକୁ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି ।

## ୟୁପିଏସ୍‌ସି ଅଧ୍ୟକ୍ଷ

ପୂର୍ବତନ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ତଥା ୧୯୮୩ ବ୍ୟାଚ୍‌ର ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ପ୍ରୀତି ସୁଦାନ୍ ଭାରତୀୟ ପ୍ରଶାସନିକ ସେବା ଆୟୋଗ-ୟୁପିଏସ୍‌ସିର ଅଧ୍ୟକ୍ଷ ଭାବେ  କାର୍ଯ୍ୟ କରିବା ପାଇଁ ମନୋନୀତ ହୋଇଛନ୍ତି । ତାଙ୍କ ନିଯୁକ୍ତିକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅନୁମୋଦନ କରିଛନ୍ତି । ପ୍ରୀତି ସୁଦାନ୍’ ଡକ୍ଟର ମନୋଜ ସୋନୀଙ୍କ ସ୍ଥାନରେ ଏହି ପଦରେ ନିଯୁକ୍ତ ହେବେ । ଆସନ୍ତାକାଲି ସେ ଦାୟିତ୍ୱ ଗ୍ରହଣ କରିବେ ବୋଲି ଜଣାପଡ଼ିଛି ।

## ଗଭର୍ଣ୍ଣର ଓଥ୍

ପୂର୍ବତନ କେନ୍ଦ୍ରମନ୍ତ୍ରୀ ସନ୍ତୋଷ କୁମାର ଗଙ୍ଗୁଆ ଆଜି ଝାଡ଼ଖଣ୍ଡର ନୂତନ ରାଜ୍ୟପାଳ ଭାବେ ଶପଥ ନେଇଛନ୍ତି । ଝାଡ଼ଖଣ୍ଡ ଉଚ୍ଚନ୍ୟାୟାଳୟର କାର୍ଯ୍ୟକାରୀ ମୁଖ୍ୟବିଚାରପତି ଜଷ୍ଟିସ୍ ସୁଜିତ ନାରାୟଣ ପ୍ରସାଦ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ରାଞ୍ଚିର ରାଜଭବନରେ ଅନୁଷ୍ଠିତ ଶପଥଗ୍ରହଣ ସମାରୋହରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

ସେହିଭଳି ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟ ମଣିପୁରର ରାଜ୍ୟପାଳ ଭାବେ ଶପଥ ନେଇଛନ୍ତି । ଇମ୍ଫାଲସ୍ଥିତ ରାଜଭବନରେ ତାଙ୍କୁ ମଣିପୁର ଉଚ୍ଚନ୍ୟାୟାଳୟର ମୁଖ୍ୟବିଚାରପତି ଜଷ୍ଟିସ୍ ସିର୍ଦ୍ଧାଥ୍ ମ୍ରିଦୁଲ୍ ଶପଥପାଠ କରାଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ, କ୍ୟାବିନେଟ୍ ମନ୍ତ୍ରୀଗଣ, ବିଧାୟକ ଏବଂ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ହାର୍ନିୟେ ଡେଥ୍

ହମାସର ରାଜନୈତିକ ମୁଖ୍ୟ ଇସ୍‌ମାଇଲ୍ ହ୍ୟାର୍ନିୟେଙ୍କୁ ଆଜି ତେହରାନ୍‌ରେ ହତ୍ୟା କରାଯାଇଛି । ଇରାନର ଆଇଆରଜି ବାହିନୀ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି ଯେ ହାର୍ନିୟେ ଗତକାଲି ଇରାନର ରାଷ୍ଟ୍ରପତି ମସୁଦ୍ ପେଜେସ୍କିଆନ୍‌ଙ୍କ ଶପଥଗ୍ରହଣ ସମାରୋହରେ ଯୋଗଦେବା ପାଇଁ ଆସିଥିଲେ । ତେବେ ଅଙ୍ଗରକ୍ଷକଙ୍କ ସହିତ ତେହରାନ୍ ବାସଭବନରେ ତାଙ୍କୁ ହତ୍ୟା କରାଯାଇଛି । ହତ୍ୟାକାରୀ ଓ ହତ୍ୟାର କାରଣ ସଂପର୍କରେ କୌଣସି ସୂଚନା ମିଳିନାହିଁ। ହମାସ୍ ମୁଖ୍ୟ ଥିବା ହାର୍ନିୟେ ବିଭିନ୍ନ ଶାନ୍ତି ବୁଝାମଣା କାର୍ଯ୍ୟରେ ସକ୍ରିୟ ଥିଲେ ।

## ଇସ୍ରାଏଲ-ଲେବାନନ୍ ଆଟାକ୍

ଲେବାନନ୍‌ର ରାଜଧାନୀ ବେରୁଟ୍ ଉପରେ ଇସ୍ରାଏଲ ବାୟୁସେନା ପକ୍ଷରୁ ଆକ୍ରମଣ କରାଯାଇଛି । ଜଣେ ହିଜ୍‌ବୁଲ୍ଲା ବରିଷ୍ଠ କମାଣ୍ଡରଙ୍କୁ ଲକ୍ଷ୍ୟକରି ଏହି ଆକ୍ରମଣ କରାଯାଇଥିବା ଜଣାପଡିଛି । ନିକଟରେ ଇସ୍ରାଏଲର ଗୋଲାନହାଇଟ୍‌ସ୍ଥିତ ଖେଳପଡ଼ିଆ ଉପରେ ରକେଟ୍ ଆକ୍ରମଣରେ ଏହି କମାଣ୍ଡରଙ୍କର ସମ୍ପୃକ୍ତି ଥିବାରୁ ଇସ୍ରାଏଲ ପକ୍ଷରୁ ଏଭଳି ଆକ୍ରମଣ ହୋଇଛି । ଲେବାନନ୍ ସ୍ୱାସ୍ଥ୍ୟମନ୍ତ୍ରୀ ଫିରାସ ଆବିୟାଦ

ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଏହି ଆକ୍ରମଣରେ ଜଣଙ୍କର ମୃତ୍ୟୁ ହେବା ସହ ୩୫ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରେ ୩ଜଣଙ୍କର ଅବସ୍ଥା ଗୁରୁତର ରହିଛି ।

ଅନ୍ୟପକ୍ଷରେ ଇସ୍ରାଏଲର ଜଣେ ଅଧିକାରୀ କହିଛନ୍ତି ହିଜ୍‌ବୁଲ୍ଲା ବରିଷ୍ଠ କମାଣ୍ଡର ଫୁଆଦ ଶୁକ୍ରକୁ ଲକ୍ଷ୍ୟକରି ଏହି ଆକ୍ରମଣ କରାଯାଇଥିଲା । ଗୋଲାନହାଇଟ୍ସଠାରେ ହୋଇଥିବା ରକେଟ୍ ଆକ୍ରମଣରେ ଇସ୍ରାଏଲ ହିଜ୍‌ବୁଲ୍ଲାକୁ ଦାୟୀ କରିଛି । କିନ୍ତୁ ଏହି ଆକ୍ରମଣରେ ସମ୍ପୃକ୍ତି ନେଇ ହିଜ୍‌ବୁଲ୍ଲା ଅସ୍ୱୀକାର କରିଛି । ତେବେ ଲେବାନନ୍‌ର ଜଣେ ବରିଷ୍ଠ ସରକାରୀ ଅଧିକାରୀଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ବରିଷ୍ଠ କମାଣ୍ଡର ଶୁକ୍ର ଏହି ଆକ୍ରମଣରୁ ବର୍ତ୍ତି ଯାଇଛି । ସୂଚନାଯୋଗ୍ୟ ରକେଟ୍ ଆକ୍ରମଣ ଦ୍ୱାରା ଇସ୍ରାଏଲର ଗୋଲାନହାଇଟ୍ସର ଏକ ପଡ଼ିଆରେ ଖେଳୁଥିବା ୧୨ଜଣଙ୍କର ମୃତ୍ୟୁ ହୋଇଥିଲା ।

# ମଣିପୁର ବିଧାନସଭା

ମଣିପୁର ବିଧାନସଭା ବଜେଟ୍ ଅଧିବେଶନ ଆଜିଠାରୁ ଆରମ୍ଭ ହୋଇଛି । ଦ୍ୱାଦଶ ବିଧାନସଭାର ଏହା ହେଉଛି ଷଷ୍ଠ ଅଧିବେଶନ । ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଏହି ଅଧିବେଶନ ଚାଲିବ । ଅଧିବେଶନ କାଳରେ ୯ଟି କାର୍ଯ୍ୟଦିବସ ରହିଛି । ରାଜ୍ୟପାଳ ବିଧାନସଭା ଅଧିବେଶନକୁ ସମ୍ବୋଧନ କରିଛନ୍ତି । ଅଧିବେଶନ କାଳରେ କେନ୍ଦ୍ରୀୟ ବଜେଟ୍ ଉପରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି ।

# ଅଲମ୍ପିକ୍ସ

ଏଥର ପ୍ୟାରିସ୍ ଅଲମ୍ପିକ୍ସ ସମ୍ପର୍କିତ ଖବର । ଆଜି ପ୍ୟାରିସ୍ ଅଲମ୍ପିକ୍ସର ପଞ୍ଚମ ଦିନରେ ବନ୍ଧୁକ ଚାଳନା, ବ୍ୟାଡମିଣ୍ଟନ, ଟେବୁଲ୍ ଟେନିସ୍, ବକ୍ସିଂ ଓ ତୀରଚାଳନାରେ ଭାରତୀୟ ଖେଳାଳିମାନେ ଭାଗ ନେବେ । ଦୁଇଥର ଅଲମ୍ପିକ୍ ପଦକ ବିଜେତା ପି.ଭି.ସିନ୍ଧୁ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍ ଇଷ୍ଟୋନିଆର କ୍ରୀଷ୍ଟିନ୍ କୁବାଙ୍କ ବିପକ୍ଷରେ ଖେଳିବେ । ସେହିଭଳି ପୁରୁଷ ଏକକ ବ୍ୟାଡମିଣ୍ଟନରେ ଏବେ ଭାରତର ଲକ୍ଷ୍ୟସେନ୍ ଓ ଇଣ୍ଡୋନେସିଆର ଜୋନାତାନ୍ ଖ୍ରୀଷ୍ଟିଙ୍କ ମଧ୍ୟରେ ମୁକାବିଲା ଚାଲିଛି । ଆଜି ରାତିରେ ଅନ୍ୟତମ ପୁରୁଷ ଏକକ ମ୍ୟାଚ୍ ଭାରତର ଏଚ୍.ଏସ୍ ପ୍ରଣୟ ଓ ଭିଏତନାମ୍ ର ଡକ୍ ହାତ୍ ଲି ଙ୍କ ମଧ୍ୟରେ ରାତି ୧୧ଟା ବେଳେ ଅନୁଷ୍ଠିତ ହେବ ।

ଅନ୍ୟପକ୍ଷରେ ପୁରୁଷ ମିଳିତବର୍ଗ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଭାରତର ଚିରାଗ ସେଠୀ ଏବଂ ସାତ୍ତ୍ୱିକ ସାଇରାଜ ରାଙ୍କିରେଡିଙ୍କ ଯୋଡ଼ି ଗ୍ରୁପ୍-ସିର ଶୀର୍ଷସ୍ଥାନ ସହ କ୍ୱାର୍ଟରଫାଇନାଲ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି । ହକି ପ୍ରତିଯୋଗିତାରେ ଭାରତ ଆର୍ୟଲ୍ୟାଣ୍ଡକୁ ୨-୦ ଗୋଲ୍‌ରେ ପରାସ୍ତ କରି ପ୍ରି-କ୍ୱାର୍ଟରଫାଇନାଲ ପର୍ଯ୍ୟାୟରେ ପହଞ୍ଚିଛି । ସେହିଭଳି ଟେବୁଲ ଟେନିସ୍ ପ୍ରତିଯୋଗିତାରେ ମନିକା ବାତ୍ରା ଏକକ ବର୍ଗରେ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି ।